# ତହସିଲଦାରଙ୍କ ଅଦାଲତ, ହିନ୍ଦୋଳ

ରାଜସ୍ୱ ବିବିଧ ମାମଲା ସଂ:- ୨୧ /୨୦୨୪

## ସର୍ବସାଧାରଣ ଇସ୍ତାହାର

ଏତଦ୍ଦ୍ୱାରା କଙ୍କାଳୁ ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନତଫସିଲ୍ ବର୍ଣ୍ଣିତ ସରକାରୀ ଜମିକୁ ଇଡିକୋ ଓଡିଶା ଭୁବନେଶ୍ୱରଙ୍କ ସପକ୍ଷରେ ଶିଳ୍ପ ପ୍ରତିଷ୍ଠା ପାଇଁ ମାହାରା ଓ ରାସ୍ତା କିସମ ରୁ ପତିତ କିସମ ଏବଂ ସର୍ବସାଧାରଣ ଖାତା ରୁ ଆବାଦ ଯୋଗ୍ୟ ଅନାବାଦି ଖାତାକୁ ପରିବର୍ତ୍ତନ କରାଯାଇ କବୁଲିୟତ୍ ମଞ୍ଜୁର କରାଯିବା ପାଇଁ ପ୍ରସ୍ତାବ ରହିଅଛି । ଏହି ପ୍ରସ୍ତାବରେ କାହାରି କିଛି ଦାବୀ ଆପତ୍ତି ଥିଲେ ଉକ୍ତ ଇସ୍ତାହାର ଜାରୀ ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଲିଖିତ ଆକାରରେ ଜଣାଇବେ । ମିଆଦ ଗତେ କୌଣସି ଦାବୀ ଆପତ୍ତି ବିଚାର ଗ୍ରହଣ କରାଯିବ ନାହିଁ ଏବଂ ନିୟମ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ତଫସିଲ

| ମୌଜା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ରକବା | କିସମ |
|---|---|---|---|---|
| କଂକାଳୁ | ୨୦୯ | ୧୮୭ | ଏ.୦.୦୬୦ | ମାହାରା |
| | (ସର୍ବସାଧାରଣ) | ୧୮୭୭ | ଏ.୦.୦୫୦ | ମାହାରା |
| | | ୧୯୬୪/୨୧୯୯ | ଏ.୦.୦୩୦ | ରାସ୍ତା |
| | | ମୋଟ | ଏ. ୦.୧୪୦ | |

ତହସିଲଦାର, ହିନ୍ଦୋଳ

Tahasildar
Hindol

ଜ୍ଞାପକ ସଂଖ୍ୟା 1254 /ତା 20.2.2024

ଏହାର ନକଲ :-

ଏହାର ଏକକିତା ନକଲ ଢେଙ୍କାନାଳ ଜିଲ୍ଲା ସୂଚନା ଅଧିକାରୀଙ୍କ ନିକଟକୁ, ୱେବସାଇଟ୍ ମାଧ୍ୟମରେ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ଏବଂ ଏକକିତା ଲେଖାଏଁ ନକଲ ବିଜ୍ଞାପନ ଫଳକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ,ପାଇକ ପୁରୁଣାକୋଟ / ତହସିଲ୍ କାର୍ଯ୍ୟାଳୟ, ହିନ୍ଦୋଳରେ ଲଟକାଇବା ସହ ଏକକିତା ନକଲ ସଂପୃକ୍ତ ମୌଜାର ମୋନଦୀ ଦ୍ୱାରା ଜାରିକରି ଡ଼ାକବାଜି ଯନ୍ତ୍ର ଦ୍ୱାରା ବହୁଳ ପ୍ରଚାର ନିମନ୍ତେ ଆଦେଶିକା ପତ୍ର ଜରିକାରକଙ୍କୁ ଦିଆଗଲା।

ତହସିଲଦାର, ହିନ୍ଦୋଳ

Tahasildar
Hindol